# NATIONAL NEWS BULLETIN (ODIA)

**15 January - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ବିଭିନ୍ନତାକୁ ଦୃଢ଼ କରି ଭାରତ ବିଶ୍ୱର ଦ୍ରୁତ ବିକାଶଶୀଳ ଅର୍ଥନୀତି ହୋଇପାରିଛି - କହିଲେ ପ୍ରଧାନମନ୍ତ୍ରୀ ।

- ନୂଆଦିଲ୍ଲୀରେ ରାଜ୍ୟଗୋଷ୍ଠୀ ଦେଶମାନଙ୍କ ବାଚସ୍ପତି ଓ ପ୍ରିଜାଇଡିଂ ଅଫିସରଙ୍କ ସମ୍ମିଳନୀକୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀ ।

- ଇରାନ୍‌ର ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟବସ୍ଥା ଜଟିଳ ହେଉଥିବାରୁ ଭାରତୀୟ ନାଗରିକଙ୍କ ପାଇଁ ପରାମର୍ଶ ଜାରିକଲା ବୈଦେଶିକ ମନ୍ତ୍ରଣାଳୟ ।

- ଦେଶର ବୀର ଜବାନମାନଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ସେନାଦିବସ ।

- ଦୁଇଦିନିଆ ଗସ୍ତରେ ଯାଇ ପଞ୍ଜାବରେ ପହଞ୍ଚିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

ଏବଂ

- ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍‌ରେ ଆଜି ମୁମ୍ବାଇ ଇଣ୍ଡିଆନ୍ସ ଓ ୟୁ.ପି. ୱାରିୟର୍ସ ମଧ୍ୟରେ ହେବ ମୁକାବିଲା ।

---

# ପିଏମ୍-ସିଏସ୍‌ପିଓସି

ଭାରତରେ ଗଣତନ୍ତ୍ର କହିଲେ ଶେଷତମ ବ୍ୟକ୍ତିପାଖରେ ପହଞ୍ଚିବା ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଖରେ କୌଣସି ବାଛବିଚାର ନକରି ସେମାନଙ୍କ ମଙ୍ଗଳ କରିବା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଆଜି ନୂଆଦିଲ୍ଲୀରେ ସମ୍ବିଧାନ ସଦନରେ ରାଜ୍ୟଗୋଷ୍ଠୀ ଦେଶମାନଙ୍କ ବାଚସ୍ପତି ଏବଂ ପ୍ରିଜାଇଡିଂ ଅଫିସରମାନଙ୍କ ସମ୍ମିଳନୀକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତ ତା'ର ବିଭିନ୍ନତାକୁ ବ୍ୟବହାର କରି ଗଣତନ୍ତ୍ରକୁ ସୁଦୃଢ଼ କରିପାରିଛି । ସେ କହିଛନ୍ତି ଗଣତାନ୍ତ୍ରିକ ପ୍ରତିଷ୍ଠାନ ଏବଂ ପ୍ରକ୍ରିୟା ଗତି, ସ୍ଥାୟିତ୍ୱ ଏବଂ ଗଣତାନ୍ତ୍ରିକ ବିକାଶକୁ ତ୍ୱରାନ୍ୱିତ କରିଛି । ଗତ କିଛିବର୍ଷ ମଧ୍ୟରେ ଦେଶର ୨୫କୋଟି ଲୋକ ଦାରିଦ୍ର୍ୟରୁ ମୁକ୍ତି ପାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି ।

### V/O (PM Democratic Process)

ଶ୍ରୀ ମୋଦୀ କହିଛନ୍ତି ଦେଶ ଏହାର ବିଭିନ୍ନତାକୁ ଦୃଢ଼କରି ଆଜି ବିଶ୍ୱର ଦ୍ରୁତ ବିକାଶଶୀଳ ଅର୍ଥନୀତିରେ ପରିଣତ ହୋଇପାରିଛି । ସେ କହିଛନ୍ତି ଭାରତର ୟୁପିଆଇ ବିଶ୍ୱର ବୃହତ୍ ଡିଜିଟାଲ ଦେୟ ବ୍ୟବସ୍ଥାରେ ପରିଣତ ହୋଇଛି । ଏହାବ୍ୟତୀତ ବିଶ୍ୱରେ ଭାରତ ସବୁଠାରୁ ଅଧିକ ଟୀକା ଉତ୍ପାଦନ କରୁଥିବା ଦେଶ ହୋଇଥିବାବେଳେ ଷ୍ଟିଲ ଉତ୍ପାଦନରେ ମଧ୍ୟ ଦ୍ୱିତୀୟ ସ୍ଥାନରେ ରହିଛି । ସେ କହିଛନ୍ତି ଚତୁର୍ଥଥର ଲାଗି ରାଜ୍ୟଗୋଷ୍ଠୀ ବାଚସ୍ପତି ଓ ପ୍ରିଜାଇଡିଂ ଅଫିସରମାନଙ୍କ ସମ୍ମିଳନୀ ଭାରତରେ ଅନୁଷ୍ଠିତ ହେଉଛି ।

### V/O (PM on Economy)

ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତ ପ୍ରତ୍ୟେକଟି ବିଶ୍ୱସ୍ତରୀୟ ମଞ୍ଚରେ ଗ୍ଲୋବାଲ ସାଉଥ୍‌ର ସମସ୍ୟା ଦୃଢ଼ଭାବେ ଉତ୍ଥାପନ କରୁଛି । ଭାରତ

ଏହାର ଜି-୨୦ ଅଧ୍ୟକ୍ଷତା ସମୟରେ ଗ୍ଲୋବାଲ ସାଉଥ୍‌କୁ ଆଲୋଚନାର ମୁଖ୍ୟ ବିଷୟବସ୍ତୁ ଭାବେ ଚୟନ କରିଥିଲା । ଶ୍ରୀ ମୋଦୀ କହିଛନ୍ତି ରାଜ୍ୟଗୋଷ୍ଠୀ ଦେଶଗୁଡ଼ିକର ମୋଟ୍ ଜନସଂଖ୍ୟାର ୫୦ ପ୍ରତିଶତ ଭାରତରେ ବସବାସ କରୁଛନ୍ତି । ଭାରତ ପ୍ରତ୍ୟେକଟି ଦେଶର ବିକାଶ ଲାଗି ଯଥାସମ୍ଭବ ସହାୟତା ପ୍ରଦାନ କରିଆସୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O (PM Global South)**

ଏହି ଅବସରରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି କୃତ୍ରିମ ବୁଦ୍ଧିମତା ଏବଂ ସାମାଜିକ ଗଣମାଧ୍ୟମ ଗଣତାନ୍ତ୍ରିକ ପ୍ରତିଷ୍ଠାନ ଗୁଡ଼ିକର କାର୍ଯ୍ୟଦକ୍ଷତା ଏବଂ ସାମର୍ଥ୍ୟ ବୃଦ୍ଧି କରିବା ଦିଗରେ ସହାୟକ ହୋଇଛି । ସେ କହିଛନ୍ତି ଉଭୟ ଏଆଇ ଏବଂ ସାମାଜିକ ଗଣମାଧ୍ୟମ ଅମୂଳକ ସୂଚନା ପ୍ରଦାନ, ସାଇବର ଅପରାଧ ଏବଂ ସାମାଜିକ ବିଭାଜନ ଭଳି ଆହ୍ୱାନ ସୃଷ୍ଟି କରିଛି । ଶ୍ରୀ ବିର୍ଲା ଆଲୋଚନା ଜରିଆରେ ଗୁରୁତ୍ୱ ବହନ କରୁଥିବା ସମସ୍ୟା ଗୁଡ଼ିକର ଆଲୋଚନା ମାଧ୍ୟମରେ  ସମାଧାନ ଲାଗି ଆହ୍ୱାନ ଦେଇଛନ୍ତି । ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘର ଅଧ୍ୟକ୍ଷ ଡକ୍ଟର ଖ୍ରୀଷ୍ଟୋଫର କାଲିଲା କହିଛନ୍ତି ଭାରତୀୟ ଗଣତନ୍ତ୍ର ବିଶ୍ୱର ବୃହତ୍ତମ ଏବଂ ସମସ୍ତ ଗଣତନ୍ତ୍ରର ଜନନୀ ବୋଲି ପରିଚିତ । ଏହି ଅବସରରେ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ କହିଛନ୍ତି ଏହି ସମ୍ମିଳନୀ ଗଣତାନ୍ତ୍ରିକ ପ୍ରତିଷ୍ଠାନଗୁଡ଼ିକୁ ପୂର୍ଣ୍ଣ ରୂପ ଦେବା କ୍ଷେତ୍ରରେ ସଫଳ ସାବ୍ୟସ୍ତ ହେବ ।

## ଏମ୍‌ଇଏ–ଇରାନ ଆଡଭାଇଜରୀ

ଇରାନ୍‌ର ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟବସ୍ଥା ଜଟିଳ ପରିସ୍ଥିତି ଆଡକୁ ଗତିକରୁଥିବାରୁ ଭାରତୀୟ ନାଗରିକମାନଙ୍କୁ ସେହି ଦେଶକୁ ଯାତ୍ରା ନକରିବାକୁ ପରାମର୍ଶ ଦିଆଯାଇଛି । ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିଜ୍ଞପ୍ତିରେ ଭାରତୀୟ ନାଗରିକମାନଙ୍କୁ ପରବର୍ତ୍ତୀ ବିଜ୍ଞପ୍ତି ପର୍ଯ୍ୟନ୍ତ ଇରାନ ଗସ୍ତ ନକରିବାକୁ କୁହାଯାଇଛି । ସେଠାରେ ବସବାସ କରୁଥିବା ଭାରତୀୟ ନାଗରିକ ଓ ଭାରତର ମୂଳ ଅଧିବାସୀମାନଙ୍କୁ ବିକ୍ଷୋଭ ପ୍ରଦର୍ଶନ ହେଉଥିବା ଅଞ୍ଚଳରେ ସାବଧାନତା ଅବଲମ୍ବନ କରିବାଲାଗି ମନ୍ତ୍ରଣାଳୟ କହିଛି । ଆବଶ୍ୟକ ସମୟରେ ସେମାନେ ତେହରାନସ୍ଥିତ ଦୂତାବାସ ସହ ଯୋଗାଯୋଗ କରିବାକୁ ଜରୁରୀକାଳୀନ ଟେଲିଫୋନ ନମ୍ବର ଦିଆଯାଇଛି । ନମ୍ବରଗୁଡ଼ିକ ହେଉଛି ୯୮୯୧-୨୮୧୦-୯୧୧୫, ୯୮୯୧-୨୮୦୧-୯୧୦୯ ।

## ଆର୍ମୀ ଡେ

ଦେଶର ବୀର ଜବାନମାନଙ୍କୁ ସେମାନଙ୍କ କର୍ତ୍ତବ୍ୟପରାୟଣତା ଏବଂ ଦେଶର ସୁରକ୍ଷାରେ ପ୍ରତିବଦ୍ଧତାକୁ ସ୍ମରଣ କରିବା ଓ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଆଜି ସେନା ଦିବସ ପାଳନ କରାଯାଉଛି । ୧୯୪୯ ମସିହାରେ ପ୍ରଥମ ଭାରତୀୟ କମାଣ୍ଡର ଇନ୍ ଚିଫ୍ ଫିଲ୍ଡ ମାର୍ଶାଲ କେ.ଏମ୍.

କରିଅପ୍ପାଙ୍କ ସ୍ମୃତିରେ ଏହି ଦିବସ ପ୍ରତ୍ୟେକବର୍ଷ ଜାନୁଆରୀ ୧୫ ତାରିଖରେ ପାଳନ କରାଯାଇଥାଏ ।

ସେନା ଦିବସ ଅବସରରେ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଦେଶର ବୀର ସୈନିକ, ଅବସରପ୍ରାପ୍ତ ସେନା କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି ଦେଶର ଏକତା, ସାର୍ବଭୌମତ୍ୱ ଏବଂ ଅଖଣ୍ଡତାକୁ ସୁରକ୍ଷା ଦେବା କ୍ଷେତ୍ରରେ ଭାରତୀୟ ସେନା ସବୁବେଳେ ସକ୍ରିୟ ଥାଏ । ସେ କହିଛନ୍ତି ବୀର ସୈନିକ ମାନେ ଦେଶର ସୀମାରେ ସୁରକ୍ଷା ଯୋଗାଇବା ସହ ଜଟିଳ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି । ସୈନିକମାନଙ୍କ ପ୍ରଥମେ ଦେଶର ଭାବନା ପ୍ରତ୍ୟେକ ଭାରତୀୟଙ୍କୁ ଅନୁପ୍ରାଣିତ କରିଥାଏ ।

ଉପରାଷ୍ଟ୍ରପତି ସି.ପି.ରାଧାକୃଷ୍ଣନ ଭାରତୀୟ ସେନାର ସୈନିକ, ଅଧିକାରୀ ଏବଂ ବରିଷ୍ଠ ସଦସ୍ୟମାନଙ୍କୁ ସମ୍ମାନ ଜଣାଇ କହିଛନ୍ତି ଦେଶର ସୁରକ୍ଷାରେ ସେନାନିମାନଙ୍କ ଅଦମ୍ୟ ସାହସ, ଶୃଙ୍ଖଳା ଏବଂ ସର୍ବୋଚ୍ଚ ବଳିଦାନ ଦେଶବାସୀଙ୍କୁ ପ୍ରେରଣା ଯୋଗାଇଥାଏ । ଉପରାଷ୍ଟ୍ରପତି କହିଛନ୍ତି ସେମାନଙ୍କର ନିଃସ୍ୱାର୍ଥପର ସେବା ପାଇଁ ଭାରତ ସବୁବେଳେ ତା'ର ସେନାବାହିନୀ ପ୍ରତି କୃତଜ୍ଞ ରହିଛି । ଏହି ଅବସରରେ ଶ୍ରୀ ରାଧାକୃଷ୍ଣନ କହିଛନ୍ତି କର୍ତ୍ତବ୍ୟ ସମୟରେ ବଳିଦାନ ଦେଇଥିବା ବୀର ସୈନିକମାନଙ୍କୁ ଆଜି ଦେଶ ସମ୍ମାନ କରୁଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ବୀର ସୈନିକମାନଙ୍କୁ ସେମାନଙ୍କ ପ୍ରତିବଦ୍ଧତା ଲାଗି ସମ୍ମାନ ଜଣାଇଛନ୍ତି । ସେ କହିଛନ୍ତି ଦେଶର

ସୁରକ୍ଷା ପାଇଁ ପ୍ରତିକୂଳ ପରିସ୍ଥିତିରେ ନିଃସ୍ୱାର୍ଥପର ସେବା ଯୋଗାଉଥିବା ସୈନିକମାନଙ୍କ ଅଦମ୍ୟ ସାହସ ପ୍ରଶଂସନୀୟ । ସେନାଦିବସ ଅବସରରେ ପ୍ରଧାନମନ୍ତ୍ରୀ ଭାରତୀୟ ସେନାର କର୍ତ୍ତବ୍ୟ ପରାୟଣତା ଦେଶବାସୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଓ କୃତଜ୍ଞତା ସୃଷ୍ଟି କରିଛି ।

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ମଧ୍ୟ ସେନାଦିବସ ଅବସରରେ ବୀରସୈନିକ ଓ ସେମାନଙ୍କ ପରିବାରବର୍ଗଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ସିଂହ ସେନାର ଅଦମ୍ୟ ସାହସ, ସର୍ବୋଚ୍ଚ ବଳିଦାନ ଏବଂ ଦେଶର ସାର୍ବଭୌମତ୍ୱ ଓ ଏକତାର ସୁରକ୍ଷା ଦିଗରେ ସେମାନଙ୍କର ପ୍ରତିବଦ୍ଧତାକୁ ଦେଶ ପ୍ରଶଂସା କରିଛି ବୋଲି କହିଛନ୍ତି । ଭାରତୀୟ ସେନାର କର୍ତ୍ତବ୍ୟପରାୟଣତା, ଶୃଙ୍ଖଳା ଏବଂ ମାନବୀୟ ସେବା ବିଶ୍ୱରେ ସ୍ୱତନ୍ତ୍ରତା ସୃଷ୍ଟି କରିଛି । ଶ୍ରୀ ସିଂହ ଏକ ଆଧୁନିକ ଆତ୍ମନିର୍ଭର ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ସେନା ଗଠନ ଦିଗରେ ସରକାରଙ୍କ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି ।

## ପ୍ରେସିଡେଣ୍ଟ ପଞ୍ଜାବ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ଦୁଇଦିନିଆ ଗସ୍ତରେ ଯାଇ ପଞ୍ଜାବରେ ପହଞ୍ଚିଛନ୍ତି । ଅମୃତସରଠାରେ ରାଷ୍ଟ୍ରପତି ଗୁରୁ ନାନକଦେବ ବିଶ୍ୱବିଦ୍ୟାଳୟର ୫୦ତମ ସ୍ୱର୍ଣ୍ଣଜୟନ୍ତୀ ସମାବର୍ତ୍ତନ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେବେ । ସେହି ବିଶ୍ୱବିଦ୍ୟାଳୟର ୪୬୩ଜଣ

ଛାତ୍ରଛାତ୍ରୀଙ୍କୁ ରାଷ୍ଟ୍ରପତି ଡିଗ୍ରୀ ଏବଂ ପଦକ ପ୍ରଦାନ କରିବେ । ଆସନ୍ତାକାଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଜଳନ୍ଧରସ୍ଥିତ ଡକ୍ଟର ବି.ଆର୍.ଆମ୍ବେଦକର ଜାତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନର ୨୧ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରିବେ । ଆମ ସମ୍ବାଦଦାତା ଜଣାଇଛନ୍ତି ରାଷ୍ଟ୍ରପତି ସେହି ପ୍ରତିଷ୍ଠାନରେ ବହୁ ଉଚ୍ଚତାବିଶିଷ୍ଟ ଜାତୀୟ ପତାକାର ଉନ୍ମୋଚନ ସହ ସାଇବର ସୁରକ୍ଷା ଏବଂ ଫାଇବ୍-ଜି ସମ୍ପର୍କିତ ଉତ୍କର୍ଷ କେନ୍ଦ୍ରର ଉଦ୍‌ଘାଟନ କରିବେ ।

## ମହାରାଷ୍ଟ୍ର ସିଭିକ ଇଲେକ୍ସନ

ବ୍ରିହାନ ମୁମ୍ବାଇ ମହାନଗର ସମେତ ମହାରାଷ୍ଟ୍ରର ୨୯ଟି ନଗର ନିଗମ ନିମନ୍ତେ ଆଜି ସକାଳୁ ମତଦାନ ଜାରି ରହିଛି । ପୂର୍ବାହ୍ନ ୯ଟା ୩୦ମିନିଟ୍ ସୁଦ୍ଧା ବ୍ରିହାନ ମୁମ୍ବାଇ ନଗର ନିଗମରେ ୬ ଦଶମିକ ୯/୮ ପ୍ରତିଶତ ମତଦାନ ହୋଇଥିବାବେଳେ ନାଗପୁରରେ ପ୍ରଥମ ଦୁଇଘଣ୍ଟା ମଧ୍ୟରେ ୭ ପ୍ରତିଶତ ଏବଂ ପରଭାଣିରେ ୯ ଦଶମିକ ୨, ଅହଲ୍ୟାନଗରରେ ୭ ଦଶମିକ ୮/୭ ଓ ଜଲନାରେ ୮ ଦଶମିକ ୨/୪ ପ୍ରତିଶତ ମତଦାନ ହୋଇଥିବା ରେକର୍ଡ କରାଯାଇଛି । ମହାରାଷ୍ଟ୍ରର ୮୯୩ଟି ୱାର୍ଡର ୨ହଜାର ୮ଶହ ଅଣସ୍ତରୀଟି ଆସନ ପାଇଁ ମତଦାନ ହେଉଛି । ଏହି

ପ୍ରକ୍ରିୟାରେ ୩ ଦଶମିକ ୪୮ କୋଟି ଭୋଟର, ୧୫ହଜାର ୯୩୧ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଣ୍ଣୟ କରିବେ । ଆସନ୍ତାକାଲି ଭୋଟ୍ ଗଣତି ହେବ ।

## କ୍ରିକେଟ୍ - ଡବ୍ଲ୍ୟୁ.ପି.ଏଲ୍.

ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍ର ଆଜିକାର ମ୍ୟାଚ୍ରେ ମୁମ୍ବାଇ ଇଣ୍ଡିଆନ୍ସ ଓ ୟୁ.ପି. ୱାରିୟର୍ସ ମଧ୍ୟରେ ମୁକାବିଲା ହେବ । ନବି ମୁମ୍ବାଇର ଡି.ୱାଇ. ପାଟିଲ୍ ଷ୍ଟାଡିୟମ୍ରେ ଏହି ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ ମିନିଟ୍ରେ ଆରମ୍ଭ ହେବ ।

ଗତକାଲିର ମ୍ୟାଚ୍ରେ ଦିଲ୍ଲୀ କ୍ୟାପିଟାଲ୍ସ' ୟୁ.ପି. ୱାରିୟର୍ସ ବିପକ୍ଷରେ ୭ ୱିକେଟ୍ରେ ବିଜୟ ଲାଭ କରିଛି । ଗତ ରାତିରେ ନବି ମୁମ୍ବାଇର ଡି.ୱାଇ. ପାଟିଲ୍ ଷ୍ଟାଡିୟମ୍ରେ ଅନୁଷ୍ଠିତ ଏହି ମ୍ୟାଚ୍ରେ ଦିଲ୍ଲୀ କ୍ୟାପିଟାଲ୍ସ ନିର୍ଦ୍ଧାରିତ ୨୦ ଓଭର୍ରେ ୩ ୱିକେଟ୍ ହରାଇ ୧୫୮ ରନ୍ କରିଥିଲା । ଦଳ ପକ୍ଷରୁ ଲିଜେଲ୍ ଲି ସର୍ବାଧିକ ୬୭ ରନ୍ କରିଥିବାବେଳେ ଶେଫାଳି ବର୍ମା ୩୬ ରନ୍ କରିଥିଲେ । ୧୫୯ ରନ୍ ବିଜୟ ଲକ୍ଷ୍ୟର ପିଛା କରି ୟୁ.ପି. ୱାରିୟର୍ସ ନିର୍ଦ୍ଧାରିତ ୨୦ ଓଭର୍ରେ ୮ ୱିକେଟ୍ ହରାଇ ୧୫୪ ରନ୍ କରିପାରିଥିଲା । ଦଳ ପକ୍ଷରୁ ଅଧିନାୟକ ମେଗ୍ ଲାନିଙ୍ଗ୍ ସର୍ବାଧିକ ୫୪ ରନ୍ କରିଥିଲେ । ଶେଫାଳି ବର୍ମା ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ।